ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# କୋଭିଡ୍‌-୧୯ ପରିପ୍ରେକ୍ଷୀରେ ଖାଦ୍ୟ ସୁରକ୍ଷାକୁ ନିଶ୍ଚିତ କରିବା ଦିଗରେ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଗୁରୁତ୍ୱାରୋପ

## ଆଜି ସୁଦ୍ଧା ୬୪,୧୨୨ ଜଣ ନୂତନ ହିତାଧିକାରୀ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ

## ୬୮ ଲକ୍ଷ ୭୦୩ ହିତାଧିକାରୀ ପରିବାରଙ୍କୁ ନଗଦ ୧୦୦୦ ଟଙ୍କା ଲେଖାଏଁ ପ୍ରଦାନ

**ଭୁବନେଶ୍ୱର : ୧୫ ଅପ୍ରେଲ,୨୦୨୦**

କରୋନା ଭୂତାଣୁ ସଂକ୍ରମଣ (କୋଭିଡ-୧୯) ରୋକିବା ଦିଗରେ ସାରା ଦେଶ ସମେତ ରାଜ୍ୟରେ ଲକଡାଉନ ଜାରି କରାଯାଇଛି । ଲୋକମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟରେ କେହି ଜଣେ ଯେପରି ଖାଦ୍ୟ ସୁରକ୍ଷାରୁ ବାଦ ନପଡ଼ନ୍ତି ସେଥିପ୍ରତି ଦୃଷ୍ଟି ଦିଆଯାଇ ମାର୍ଚ୍ଚ ୨୧ ତାରିଖରୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପ୍ରକ୍ରିୟା ଆରମ୍ଭ କରାଯାଇଛି । ମାର୍ଚ୍ଚ ୨୧ ତାରିଖରୁ ଏପ୍ରିଲ ୧୪ ତାରିଖ ମଧ୍ୟରେ ୨୩,୩୫୪ଟି ପରିବାରର ୬୪,୧୨୨ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି । ଏହି ପ୍ରକ୍ରିୟା ଜାରି ରହିଛି ଓ କୋଭିଡ୍‌-୧୯ ପରି ବିଶେଷ ପରିସ୍ଥିତିର ମୁକାବିଲା ନିମନ୍ତେ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ୫ ଲକ୍ଷ ନୂତନ ହିତାଧିକାରୀଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

କୋଭିଡ-୧୯ ପରିପ୍ରେକ୍ଷୀରେ ରାଜ୍ୟ ସରକାର ରାସନକାର୍ଡ଼ଧାରୀ ହିତାଧିକାରୀମାନଙ୍କୁ ଆଗୁଆ ତିନି ମାସର ରାସନ ସାମଗ୍ରୀ ଯୋଗାଇ ଦେଉଥିବାବେଳେ ଆଜି ପର୍ଯ୍ୟନ୍ତ ୬୪,୮୩,୦୧୨ କାର୍ଡ଼ଧାରୀଙ୍କୁ ୩ ମାସ ପାଇଁ ଅଗ୍ରୀମ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଛି । ଏଥିନିମନ୍ତେ ରାଜ୍ୟ ପାଇଁ ଆବଣ୍ଟିତ ଖାଦ୍ୟ ସାମଗ୍ରୀ ମଧ୍ୟରୁ ୯୭ ପ୍ରତିଶତ ଉଠାଣ ହୋଇ ସୁଲଭ ମୂଲ୍ୟ ଦୋକାନଗୁଡ଼ିକୁ ଯୋଗାଇ ଦିଆଯାଇଛି ।

ସେହିପରି କୋଭିଡ୍‌-୧୯ ପରିପ୍ରେକ୍ଷୀରେ ଉଭୟ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନଙ୍କୁ ନଗଦ ରିଲିଫ ଆକାରରେ କାର୍ଡପିଛା ୧୦୦୦ଟଙ୍କା ଦିଆଯାଉଥିବା ପରିପ୍ରେକ୍ଷୀରେ ଆଜି ପର୍ଯ୍ୟନ୍ତ ୬୮ ଲକ୍ଷ ୭୦୩ କାର୍ଡଧାରୀ ପରିବାରଙ୍କୁ ୬୮୦କୋଟି ୭ ଲକ୍ଷ ୩ ହଜାର ଟଙ୍କା ବଣ୍ଟନ କରାଯାଇଛି । ସାମାଜିକ ଦୂରତ୍ୱକୁ ଅନୁପାଳନ କରି ରାସନ ସମାଗ୍ରୀ ଓ ନଗଦ ଅର୍ଥ ବଣ୍ଟନ ପ୍ରକ୍ରିୟା ଶେଷ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ତାପସ କୁମାର ସାହା
ସୂଚନା ଅଧିକାରୀ

**'ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ'**

‘ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ’